# ସୁବର୍ଣ୍ଣା
# SUBARNA




**KRUSHI VIGYAN KENDAR, SONEPUR**
**କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର**

ଉନବିଂଶ ବର୍ଷ | ସଂଖ୍ୟା - ୧ | ଓ.ୟୁ.ଏ.ଟି ପବ୍ଲିକେସନ୍ ନଂ: ୨୦୨୪୧୧୦୩୫୪ | ଜୁନ୍ - ନଭେମ୍ବର - ୨୦୨୪



## ଜିଲ୍ଲାପାଳଙ୍କ ବାର୍ତ୍ତା

କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ବୈଜ୍ଞାନିକ ଜ୍ଞାନ କୌଶଳର ସମ୍ପ୍ରସାରଣ କ୍ଷେତ୍ରରେ କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର ଏକ ଅଗ୍ରଣୀ ଅନୁଷ୍ଠାନ । ସୋନପୁର ଜିଲ୍ଲାରେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଗୃହୀତ ବିଭିନ୍ନ ପ୍ରଶିକ୍ଷଣ ତାଲିମ୍ କାର୍ଯ୍ୟକ୍ରମ, ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ, କୃଷକଙ୍କ କ୍ଷେତ୍ରରେ ବିଭିନ୍ନ ଆଧୁନିକ ଜ୍ଞାନ କୌଶଳର ପରୀକ୍ଷଣ ଦ୍ୱାରା ଚାଷୀମାନଙ୍କର କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ଉନ୍ନତିରେ ସହାୟକ ହୋଇପାରୁଛି । ତେଣୁ କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର ତରଫରୁ ପ୍ରକାଶିତ ପତ୍ରିକା 'ସୁବର୍ଣ୍ଣା' ଜିଲ୍ଲାର ଚାଷୀମାନଙ୍କୁ ଉପଯୁକ୍ତ ଜ୍ଞାନ କୌଶଳ ପହଞ୍ଚାଇ ପାରିବ ବୋଲି ମୁଁ ଆଶା କରୁଛି ଏବଂ ଏହାର ସଫଳ କାମନା କରୁଛି ।

ଜିଲ୍ଲାପାଳ, ସୁବର୍ଣ୍ଣପୁର



## ସମ୍ପ୍ରସାରଣ ଅଧ୍ୟକ୍ଷଙ୍କ ବାର୍ତ୍ତା

କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର ତରଫରୁ ପ୍ରକାଶିତ ହେଉଥିବା କୃଷି ସମାଚାର ପତ୍ରିକା 'ସୁବର୍ଣ୍ଣା' ଜିଲ୍ଲାର କୃଷକ ଓ କୃଷିଜୀବୀ ମହିଳାମାନଙ୍କୁ ବିଭିନ୍ନ ବୈଜ୍ଞାନିକ ଜ୍ଞାନକୌଶଳ ତଥା ଉନ୍ନତିମୂଳକ କାର୍ଯ୍ୟକ୍ରମ ଯଥା ଉଦ୍ଭିଦ ସ୍ୱାସ୍ଥ୍ୟ କେନ୍ଦ୍ର, ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା, ଉନ୍ନତ ମାନର ଚାରା ବିହନ, ପିଣ୍ଡ ବିହନ, କିଷାନ ମୋବାଇଲ ସନ୍ଦେଶ ଇତ୍ୟାଦି ସମ୍ବନ୍ଧରେ ଅବଗତ କରାଉଛି । କୃଷକ ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କ ମିଳିତ ଉଦ୍ୟମରେ ଜିଲ୍ଲାର କୃଷିଭିତ୍ତିକ ଅର୍ଥନୀତି ଆହୁରି ସୁଦୃଢ଼ ହେବ ବୋଲି ମୋର ଆଶା ଓ ବିଶ୍ୱାସ । କେନ୍ଦ୍ରର ପରିସରରେ କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ଚାହିଦା ମୁତାବକ ପ୍ରଦର୍ଶନ ଏକକମାନ ସ୍ଥାପନ କରାଯାଇ ଲବ୍ଧ ଜ୍ଞାନକୌଶଳକୁ ଚାଷୀମାନଙ୍କ ନିକଟରେ ପହଞ୍ଚାଇବାରେ ସମର୍ଥ ହୋଇପାରୁଛି । ମୁଁ ଆଶା କରେ ଏହି ପତ୍ରିକାଟି ସମସ୍ତ ଚାଷୀଭାଇ, କୃଷକ ଉତ୍ପାଦକ ସଂଗଠନ ଭଉଣୀ, ସମ୍ପ୍ରସାରଣ କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ କୃଷି ଓ ତା'ର ଆନୁସଙ୍ଗିକ କ୍ଷେତ୍ରରେ ଥିବା ବିଭିନ୍ନ ଜ୍ଞାନକୌଶଳ ଯୋଗାଇଦେଇ ବିଶେଷ ଆଦୃତ ଲାଭ କରିବ । ମୁଁ ଏହି ପତ୍ରିକା 'ସୁବର୍ଣ୍ଣା'ର ସଫଳତା କାମନା କରୁଛି ।

**ଅଧ୍ୟକ୍ଷ, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର



## ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟଙ୍କ ବାର୍ତ୍ତା

କୃଷି ବିଜ୍ଞାନ କେନ୍ଦ୍ର କୃଷି ଓ ତା'ର ଆନୁସଙ୍ଗିକ କ୍ଷେତ୍ରରେ ନୂତନ ଜ୍ଞାନ କୌଶଳର ପ୍ରସାରଣ କରି ଜିଲ୍ଲାର କ୍ଷୁଦ୍ର, ନାମମାତ୍ର ଚାଷୀ, ବେକାର ଯୁବକ ଯୁବତୀ, ହରିଜନ ତଥା କୃଷିଜୀବୀ ମହିଳାମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି ପାଇଁ ଚେଷ୍ଟା କରି ଅନେକ ସଫଳତା ପାଇଛି । ଏହି ଜିଲ୍ଲାରେ ଅତ୍ୟାଧୁନିକ କୃଷିକୁ ଆହୁରି ଲୋକାଭିମୁଖୀ କରିବାକୁ ବିଭିନ୍ନ ମାଧ୍ୟମରେ ସଠିକ୍ ସମୟରେ ସଠିକ୍ ବାର୍ତ୍ତା ପ୍ରେରଣ କରାଯାଉଛି । ଏହି ଜିଲ୍ଲାର ଚାଷୀକୁଳ ସଦାସର୍ବଦା ଉନ୍ନତି ଶିଖରକୁ ଯିବା ପାଇଁ ପ୍ରତିବଦ୍ଧତାର ସହ କୃଷିକାର୍ଯ୍ୟ କରି ଆସୁଛନ୍ତି । ଏହି 'ସୁବର୍ଣ୍ଣା' ପତ୍ରିକା ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମ, କୃଷକମାନଙ୍କ ସଫଳତା, ସ୍ଥାନୀୟ କୃଷି ସମସ୍ୟାର ସମାଧାନ ସୂତ୍ର ତଥା କୃଷି କ୍ଷେତ୍ରରେ ନୂତନ ଜ୍ଞାନ ସମ୍ବନ୍ଧରେ ଆବଶ୍ୟକ ତଥ୍ୟ କୃଷକ ତଥା କୃଷି କର୍ମଚାରୀମାନଙ୍କ ପାଖରେ ପହଞ୍ଚାଇବା, ଜନସାଧାରଣଙ୍କ ନିକଟରେ ଆଦୃତ ହେବ ବୋଲି ମୁଁ ଆଶା କରୁଛି ।

**ବିଶ୍ୱରଞ୍ଜନ ପଟ୍ଟନାୟକ**
(ବରିଷ୍ଠ ବୈଜ୍ଞାନିକ)

## ସ୍ୱଚ୍ଛ ଭାରତ ଅଭିଯାନ

ପରିବେଶକୁ ପରିଷ୍କାର ରଖିବା ତଥା ସୁସ୍ଥ ଏବଂ ନିର୍ମଳ ସମାଜ ଗଠନ ପାଇଁ ଭାରତ ସରକାରଙ୍କ ଆନୁକୂଲ୍ୟରେ ଚାଲିଥିବା ସ୍ୱଚ୍ଛ ଭାରତ ଅଭିଯାନ କୃଷି ବିଜ୍ଞାନ କେନ୍ଦ୍ର ସୋନପୁର ଦ୍ୱାରା ଗତ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୦୨ ପର୍ଯ୍ୟନ୍ତ ପାଳନ କରାଯାଇଛି । ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭର ୧୦ ବର୍ଷ ପୂର୍ତ୍ତି ଆନୁକୂଲ୍ୟରେ ବିଭିନ୍ନ ଗ୍ରାମ, କେନ୍ଦ୍ର ପରିସର, ସ୍କୁଲ୍, ମନ୍ଦିର ପରିସରରେ ସ୍ୱଚ୍ଛତା ଉପରେ ସଚେତନତା ଶିବିରି ଆୟୋଜନ ହୋଇଥିଲା । ଗାଁ ଏବଂ ନିଜ ଗୃହ ପରିବେଶ ସଫାସୁତୁରା ରଖିବା ପାଇଁ ଗ୍ରାମବାସୀଙ୍କୁ ଆଗ୍ରହୀ କରିବା ପାଇଁ ବିଭିନ୍ନ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ ମଧ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ପାନ ହୋଇଥିଲା ।




## ଅନୁସୂଚିତ ଜାତି ଉନ୍ନୟନ ଯୋଜନା




ଅନୁସୂଚିତ ପରିବାରମାନଙ୍କର ଆର୍ଥିକ ମାନଦଣ୍ଡ ଉନ୍ନତି ନିମନ୍ତେ କୃଷିବିଜ୍ଞାନ କେନ୍ଦ୍ର, ସୋନପୁର ଦ୍ୱାରା ଏକ ସ୍ୱତନ୍ତ୍ର ଅନୁସୂଚିତ ଜାତି ଉନ୍ନୟନ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଥିଲା । ଏହି କାର୍ଯ୍ୟ ଖସଡ଼ାରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା- ବିଭିନ୍ନ ବୈଜ୍ଞାନିକ ଜ୍ଞାନକୌଶଳର ପ୍ରଦର୍ଶନ, ତାଲିମ୍ କାର୍ଯ୍ୟକ୍ରମ ଇତ୍ୟାଦି କରାଯାଇଥାଏ । ଏହି ଯୋଜନା ମାଧ୍ୟମରେ ବୈଜ୍ଞାନିକ ପ୍ରଣାଳୀରେ ଚକଡ଼ା ସହଣୀ ଧାନ କିସମ 'ହସନ୍ତ', ଉନ୍ନତ ପ୍ରଜାତିର ୨୮ ଦିନିଆ କୁକୁଡ଼ାଚିଆଁ ଚାଷୀମାନଙ୍କୁ ଚଳିତ ଖରିପ୍ ଋତୁରେ ବିତରଣ କରାଯାଇଥିଲା ।

## ଉଦ୍ଭିଦ ସ୍ୱାସ୍ଥ୍ୟ ଚିକିତ୍ସାଳୟ



କୃଷିବିଜ୍ଞାନ କେନ୍ଦ୍ର, ସୁବର୍ଣ୍ଣପୁର ପରିସରରେ ଏକ ଉଦ୍ଭିଦ ସ୍ୱାସ୍ଥ୍ୟ ଚିକିତ୍ସାଳୟ ଜାତୀୟ ଉଦ୍ୟାନ କୃଷି ମିଶନ ଓଡ଼ିଶା ସରକାରଙ୍କ ଆର୍ଥିକ ସହାୟତାରେ ସ୍ଥାପିତ କରାଯାଇଅଛି । ଏଥିରେ ରୋଗ ଓ ପୋକ ନିରୀକ୍ଷଣ କରାଯାଏ । ଏହାର ଦମନ ପାଇଁ ସଠିକ୍ ଭାବରେ ପ୍ରବୋଧନ କରାଯାଏ । ଯେଉଁ ରୋଗ ଓ ପୋକଗୁଡ଼ିକୁ ଖାଲି ଆଖିରେ ସହଜରେ ନିରୂପଣ କରାଯାଇପାରେ ନାହିଁ ଉଦ୍ଭିଦ ସ୍ୱାସ୍ଥ୍ୟ ପରୀକ୍ଷାଗାରରେ ଥିବା ଉନ୍ନତମାନର ଯନ୍ତ୍ର ଏବଂ ପରୀକ୍ଷା ଦ୍ୱାରା ସେ ସବୁକୁ ସଠିକ୍ ଭାବେ ନିରୂପଣ କରାଯାଇଥାଏ । ଉଦ୍ଭିଦ ସ୍ୱାସ୍ଥ୍ୟ ପରୀକ୍ଷାଗାରର ଟ୍ରାଇନୋକୁଲାର ମାଇକ୍ରୋସ୍କୋପ୍, ଡିଜିଟାଲ୍ ମାଇକ୍ରୋସ୍କୋପ୍, ଲାପ୍‌ଟପ୍, ଡେସ୍କଟପ୍, ମ୍ୟାଗ୍ନିଫିକେସନ୍ ଲେନ୍ସ, ଇନ୍‌କ୍ୟୁବେଟର୍, ସେଣ୍ଟ୍ରିଫୁଜ୍, ଲାମିନାର ବାୟୁପ୍ରବାହ, ଡବଲ୍ ଡିଷ୍ଟିଲସନ୍ ୟୁନିଟ୍, ହଟ୍ ଏୟାର ଓଭେନ୍ ଏବଂ ଅଟୋକ୍ଲେଭ୍ ଇତ୍ୟାଦି ଉନ୍ନତ ମାନର ଯନ୍ତ୍ର ସମୂହ ଉପଲବ୍ଧ ଅଛି । ଉଦ୍ଭିଦ ସ୍ୱାସ୍ଥ୍ୟ ପରୀକ୍ଷାଗାରକୁ ଚାଷୀମାନେ ରୋଗଗ୍ରସ୍ତ ନମୁନା (ଆକ୍ରାନ୍ତ ପତ୍ର, ପିଲ, ଫଳ, ଫୁଲ ଓ କାଣ୍ଡ ଇତ୍ୟାଦି) ଆଣି ପରୀକ୍ଷା କରାନ୍ତି କିମ୍ବା ଉଦ୍ଭିଦ ସ୍ୱାସ୍ଥ୍ୟ ପରୀକ୍ଷାଗାର କର୍ମଚାରୀମାନେ ଚାଷୀ ବିଲକୁ ଯାଇ ରୋଗ ଓ ପୋକ ନିରୀକ୍ଷଣ କରି ରୋଗ ଓ ପୋକ ନିରୀକ୍ଷଣ ପରେ ଏହାର ନିରାକରଣ ପାଇଁ ପରାମର୍ଶ ଏକ ସୂଚୀ ମାଧ୍ୟମରେ ଚାଷୀମାନଙ୍କୁ ଦିଆଯାଏ । ଅକ୍ଟୋବର ମାସ ସୁଦ୍ଧା ୧୪୨୦ଟି ନମୁନା ଉଦ୍ଭିଦ ସ୍ୱାସ୍ଥ୍ୟ ପରୀକ୍ଷାଗାରରେ ପରୀକ୍ଷା କରାଯାଇଅଛି । ଆଗାମୀ ଭବିଷ୍ୟତରେ ସୁବର୍ଣ୍ଣପୁର ଜିଲ୍ଲାର ଅଧିକରୁ ଅଧିକ ଅଗ୍ରଣୀ ଚାଷୀଭାଇ ଓ ଭଉଣୀମାନେ ଏଇ ଚିକିତ୍ସାଳୟର ସୁବିଧା ନେବା ପାଇଁ ଅନୁରୋଧ କରାଯାଉଅଛି ।

## ରାଶିରେ ଏକଚକିଆ କ୍ଷେତ୍ର ପ୍ରଦର୍ଶନୀ



CFLD Seed Distribution Sesame

ଧାନ ଅମଳର ହାର ଧୀରେ ଧୀରେ ନିଶ୍ଚଳ ହେବା ସହ ବର୍ଷା ପରିମାଣରେ ଅନିୟମିତତା, ଶ୍ରମିକମାନଙ୍କ ପାରିଶ୍ରମିକତାରେ ବୃଦ୍ଧି ଆଦି କାରଣ ପାଇଁ ବର୍ତ୍ତମାନ ଶସ୍ୟବିବିଧିକରଣ ଉପରେ ଗୁରୁତ୍ୱାରୋପ କରାଯାଉଛି । ଢିପଜମିରେ ଶସ୍ୟବିବିଧିକରଣ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ସୁବର୍ଣ୍ଣପୁର ଆନୁକୂଲ୍ୟରେ ୬୦ ହେକ୍ଟର ଜମିରେ ରାଶିର ଏକଚକିଆ କ୍ଷେତ୍ର ପ୍ରଦର୍ଶନୀ ଖରିଫ୍ ୨୦୨୪ରେ ଆରମ୍ଭ ହୋଇଛି । ତରଭା, ଉଲୁଣ୍ଡା ଏବଂ ବୀରମହାରାଜପୁର ବ୍ଲକ୍‌ର ୧୦୫ ଜଣ ଚାଷୀ ଏହି ଏକଚକିଆ କ୍ଷେତ୍ର ପ୍ରଦର୍ଶନୀରେ ଭାଗ ନେବା ସହ ରାଶିର ସମନ୍ୱିତ ଶସ୍ୟ ପରିଚାଳନାରେ ତାଲିମ୍ ପ୍ରାପ୍ତ ହୋଇଛନ୍ତି । ଉନ୍ନତ କିସମ ବିହନ ସୁପ୍ରଭାକୁ ହେକ୍ଟର ପ୍ରତି ୫ କେଜି ହିସାବରେ ବୁଣିବା ସହ ସମନ୍ୱିତ ଶସ୍ୟ ପରିଚାଳନା ପାଇଁ ଜୈବିକ ସାର, ଜୈବିକ ରୋଗପୋକ ନାଶକ ଆଦି ବଣ୍ଟନ କରାଯାଇଅଛି ।

## ଚାଷୀମାନଙ୍କ ସହିତ ବୈଜ୍ଞାନିକ ଆଲୋଚନା ଚକ୍ର



ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଇଚ୍ଛାକୁ ଅନୁସରଣ କରି ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାନ ନୂଆଦିଲ୍ଲୀ କୃଷି ସମ୍ପ୍ରସାରଣ ବିଭାଗ ଡେପୁଟି ଡାଇରେକ୍ଟର ଜେନେରାଲଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ମାସର ଶେଷ ଗୁରୁବାରରେ ଚାଷୀମାନଙ୍କ ସହିତ କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କ ସହିତ ଏକ ଆଲୋଚନା ଚକ୍ର କରାଯିବାର ନିଷ୍ପତ୍ତି ନିଆଯାଇଥିଲା । ଏହି ନିଷ୍ପତ୍ତି ଅନୁଯାୟୀ ଗତ ସେପ୍ଟେମ୍ବର ମାସ ୨୬ ତାରିଖରେ ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ବ୍ଲକ୍‌ର କମିରା ଗ୍ରାମରେ ୫୦ ଜଣ ଅଗ୍ରଣୀ ଚାଷୀଭାଇ ଓ ଭଉଣୀମାନଙ୍କୁ ନେଇ ଏକ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର କରାଯାଇଥିଲା । ଏହି ଆଲୋଚନା ଚକ୍ରରେ କୃଷି କ୍ଷେତ୍ରରେ ସମ୍ପର୍କିତ ସମସ୍ୟାର ମୁକାବିଲା ପାଇଁ ତଥା ଚାଷ ସମ୍ବନ୍ଧୀୟ ଜ୍ଞାନକୌଶଳ ଏବଂ ଉପଦେଶ ଚାଷୀମାନଙ୍କୁ ଦିଆଯାଇଥିଲା ।

## ପୁଆଳକୁ ବ୍ୟବହାର କରି ଉନ୍ନତ କୌଶଳରେ ପାଳଛତୁ ଚାଷର ପରିଶୋଧନ

ପାଳଛତୁ ଚାଷରେ ସାଧାରଣତଃ ପୁଆଳ ବା ନଡ଼ାକୁ ମାଧ୍ୟମ ହିସାବରେ ବ୍ୟବହାର କରାଯାଇଥାଏ । ଗତ କିଛି ବର୍ଷରେ ଧାନ ଅମଳ ଲାଗି ମେସିନ୍‌ର ବ୍ୟବହାର ଫଳରେ ନଡ଼ାର ଅଭାବ ଦେଖା ଯାଉଥିବାରୁ ଚାଷୀମାନେ ନଡ଼ା ପରିବର୍ତ୍ତେ ପୁଆଳକୁ ଛତୁଚାଷ ଲାଗି ବ୍ୟବହାର କରୁଛନ୍ତି । ଏହି ପୁଆଳକୁ ଉନ୍ନତ କୌଶଳରେ ବିଭିନ୍ନ



## କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଦିବସ ପାଳନ

ଜିଲ୍ଲାର ଚାଷୀଭାଇ ଓ ଭଉଣୀମାନଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିବସର ମହତ୍ତ୍ୱ ବିଷୟରେ ସଚେତନ କରାଇବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ସୋନପୁରର ସର୍ବଦା ପ୍ରୟାସ ରହିଛି । ଚଳିତ ବର୍ଷ ୨୦୨୪-୨୫ ରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିବସ ତଥା ୯୬ ତମ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ପ୍ରତିଷ୍ଠା ଦିବସ, ଜାତୀୟ ରୋଗପୋକ ସର୍ବେକ୍ଷଣ ବ୍ୟବସ୍ଥା, ୧୯ତମ ଗାଜର ଘାସ ସଚେତନତା ସପ୍ତାହ, ୬୩ତମ କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ୱଚ୍ଛତା ହିଁ ସେବା, ବିଶ୍ୱ ପରିବେଶ ଦିବସ ଇତ୍ୟାଦି ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ବୈଜ୍ଞାନିକ ଜ୍ଞାନକୌଶଳ ଓ ଚାଷ ସମ୍ବନ୍ଧୀୟ ଉପଦେଶ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିଲା ।




## କୃଷିବିଜ୍ଞାନ କେନ୍ଦ୍ରରେ ବିହନ ଉତ୍ପାଦନ

ପ୍ରତିବର୍ଷ କୃଷିବିଜ୍ଞାନ କେନ୍ଦ୍ର, ସୋନପୁରରେ ୧୨ ଏକର ଜମିରେ ଧାନବିହନ ଉତ୍ପାଦନ କରାଯାଇଥାଏ । ଖରିଫ୍ ଋତୁରେ ଏହି ବର୍ଷ ହସନ୍ତ ଏବଂ କଳିଙ୍ଗ ଧାନ- ୧୨୦୨ ଧାନର ପିଣ୍ଡ ବିହନ ଉତ୍ପାଦନ କରାଯାଉଥିବା ବେଳେ ଏମ୍.ଟି.ୟୁ.-୧୦୬୪ ଧାନର ପ୍ରାମାଣିକ ବିହନ ପ୍ରସ୍ତୁତ କରାଯାଉଅଛି । ଏହା ସହ ପଶ୍ଚିମ ଓଡ଼ିଶା ଗଣପର୍ବ ନୂଆଖାଇ ସମୟରେ ନୂଆଧାନ ଅମଳ ପାଇଁ ଓୟୁଏଟିର ନବବିକଶିତ ଧାନ ବିହନ 'ନବାନ୍ନ'ର ମଧ୍ୟ ପିଣ୍ଡ ବିହନ ଉତ୍ପାଦନ କରାଯାଉଅଛି ।






ଆକାରର ଯଥା- ଗୋଲାକାର, ଆୟତାକାର ଏବଂ ବର୍ଗାକାର ଆକୃତିର ବେଡ଼ ପ୍ରସ୍ତୁତ କରି କିପରି ଛତୁଚାଷ କରାଯାଇପାରିବ ତାହାର ଏକ ପରିଶୋଧନ କୃଷିବିଜ୍ଞାନ କେନ୍ଦ୍ର, ସୋନପୁର ତରଫରୁ ପୋଷ୍ୟଗ୍ରାମ ଲର୍କମା, ସାନଫବସି ଏବଂ ହରଡ଼ଖୋଲ ଗ୍ରାମରେ ଚଳିତ ବର୍ଷ ଖରିଫ୍ ଋତୁରେ କରାଯାଇଥିଲା । ଏହି ପରିଶୋଧନରେ ୫ କି.ଗ୍ରା. ପୁଆଳରେ ୧୪-୨୦ ଦିନର ଛତୁମଞ୍ଜି (୧୫୦ ଗ୍ରାମ୍) ଏବଂ ୧୫୦ ଗ୍ରାମ୍‌ର ଡାଲିଗୁଣ୍ଡ ବ୍ୟବହାର କରି ଆୟତାକାର, ଗୋଲାକାର ଏବଂ ବର୍ଗାକାର ଆକୃତିର ଛତୁ ବେଡ୍ ପ୍ରସ୍ତୁତ କରାଯାଇଥିଲା । ଏହି ତିନୋଟି ଆକୃତିର ବେଡ୍ ମଧ୍ୟରୁ ଗୋଲାକୃତି ବେଡ୍‌ରୁ ସବୁଠାରୁ ଅଧିକ ୬୮୦ ଗ୍ରାମ୍, ଆୟତାକାର ବେଡ୍‌ରୁ ୬୨୦ ଗ୍ରାମ୍ ଏବଂ ବର୍ଗାକାର ବେଡ୍‌ରୁ ୫୬୦ ଗ୍ରାମ୍ ଛତୁ ଅମଳ ହେବାର ଦେଖାଯାଇଥିଲା । ଏହି ପରିଶୋଧନ କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀମାନଙ୍କୁ ଛତୁ ମଞ୍ଜି କୃଷିବିଜ୍ଞାନ କେନ୍ଦ୍ର ତରଫରୁ ଯୋଗାଇ ଦିଆଯାଇଥିଲା ।




## ଜିଲ୍ଲା ସ୍ତରୀୟ କୃଷକ ଉତ୍ପାଦକ ସଂଗଠନ କାର୍ଯ୍ୟକ୍ରମ

ତା. ୨୭.୦୯.୨୦୨୪ ଦିନ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏକ ଜିଲ୍ଲାସ୍ତରୀୟ କୃଷକ ଉତ୍ପାଦକ ସଙ୍ଗଠନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାରେ ଥିବା ୧୨ଟି କୃଷକ ଉତ୍ପାଦକ ସଙ୍ଗଠନର ଚେୟାରମ୍ୟାନ ତଥା ବିଓଡ଼ି ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ସହିତ ଜିଲ୍ଲାର ବୈଷୟିକ କୃଷି ବିଭାଗ, ଉଦ୍ୟାଗ କୃଷି ବିଭାଗ, ମୃତ୍ତିକା ଓ ଜଳ ସଂରକ୍ଷଣ ବିଭାଗ, ପ୍ରାଣୀଧନ ବିଭାଗର ବରିଷ୍ଠ ଅଧିକାରୀ ବୃନ୍ଦ ଉପସ୍ଥିତ ରହି କୃଷକ ଉତ୍ପାଦକ ସଙ୍ଗଠନର ସାମୂହିକ ଉନ୍ନତି ପାଇଁ ନିଜ ନିଜର ଯୋଜନା ବିଷୟରେ ଆଲୋଚନା ଓ ପରାମର୍ଶ ଦେଇଥିଲେ । ଏହା ବ୍ୟତୀତ ବିଭିନ୍ନ କୃଷି ସମ୍ବନ୍ଧୀୟ ଜ୍ଞାନକୌଶଳ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା ।

## ଅଧିକ ଲାଭ ପାଇଁ ସୁଗନ୍ଧିତ ଧାନ ବିହନର କ୍ଷେତ୍ର ପରୀକ୍ଷଣ

ସୁବର୍ଣ୍ଣପୁର ଜିଲ୍ଲାରେ ଧାନ ହେଉଛି ମୁଖ୍ୟ ଫସଲ । କିନ୍ତୁ ଅମଳ ବୃଦ୍ଧିରେ ସ୍ଥାଣୁତା ସହ ଜଳବାୟୁର ପରିବର୍ତ୍ତନ ପାଇଁ ଚାଷୀ ଭାଇମାନେ ଧାନ ଫସଲର ଅଧିକ ଲାଭକ୍ଷମ ହୋଇପାରୁ ନାହାନ୍ତି । ଏହା ସହ ବଜାରରେ ସୁଗନ୍ଧିତ ଚାଉଳର ଚାହିଦା ଏବଂ ଅଧିକ ମୂଲ୍ୟ ପାଇଁ ସୁଗନ୍ଧିତ ଧାନଚାଷ ଲୋକପ୍ରିୟତା ହେବାର ଆବଶ୍ୟକ ଅଛି । ଏହାକୁ ଆଖି ଆଗରେ ରଖି କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର ଅଧିକ ଲାଭ ପାଇଁ ସୁଗନ୍ଧିତ ଧାନ ବିହନର କ୍ଷେତ୍ର ପରୀକ୍ଷଣ କ୍ରମାଗତ ଭାବେ ଦ୍ୱିତୀୟ ବର୍ଷ ପାଇଁ ଚଳିତ ବର୍ଷ ଖରିଫ୍ ଋତୁରେ ଆରମ୍ଭ କରିଅଛି । ସୋନପୁର ଜିଲ୍ଲାର ଲଛିପୁର ଏବଂ ଅଇଁଳାଛାଟ୍ ଗ୍ରାମରେ ୭ ଜଣ ଚାଷୀଙ୍କୁ ନେଇ ଏହି କ୍ଷେତ୍ର ପରୀକ୍ଷଣ କରାଯାଇଅଛି । ଚାଷୀ ଭାବେ ସାଧାରଣତଃ ସୁଗନ୍ଧିତ ଧାନ ବିହନ ଭାବେ କଳାଜିରାକୁ ଚାଷ କରିଥାନ୍ତି । କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର ତରଫରୁ ଦୁଇଟି ଜ୍ଞାନକୌଶଳ ଯଥା- ଗଙ୍ଗାବାଲି ଏବଂ କଲିକତି ବିହନ ଚାଷୀମାନଙ୍କୁ କ୍ଷେତ୍ର ପରୀକ୍ଷଣ ପାଇଁ ୧ ହେକ୍ଟର ଜମିରେ ଚାଷ କରିବା ପାଇଁ ପ୍ରଦାନ କରାଯାଇଅଛି । ଗଙ୍ଗାବାଲି ବିହନର ଅବଧି ୧୩୦-୧୩୫ ଦିନ ହୋଇଥିବା ବେଳେ କଲିକତି ବିହନ ୧୩୫-୧୪୦ ଦିନ ଅଟେ ।




## ମକା ଫସଲରେ ଫଲ୍ ଆର୍ମି ୱର୍ମ(FAW)ର ସମନ୍ୱିତ ପରିଚାଳନାର ଏକ ସଫଳ କ୍ଷେତ୍ର ପ୍ରଦର୍ଶନ



ସୁବର୍ଣ୍ଣପୁର ଜିଲ୍ଲାରେ ବିଭିନ୍ନ ବ୍ଲକ୍‌ରେ ବର୍ଷାଦିନିଆ ମକାଚାଷ ପ୍ରାୟ ୭୫୦ ହେକ୍ଟର ଜମିରେ କରାଯାଇଥାଏ । ମାତ୍ର ମକାଗଛର ପତ୍ରକୁ ଫଲ୍ ଆର୍ମି ଫର୍ମ ୱର୍ମ (FAW) ଭଳି ଏକ ମାରାତ୍ମକ ପୋକର ଶୂକ ବିଭିନ୍ନ ସମୟରେ ଆକ୍ରମଣ କରିଥାଏ । ଯାହାଫଳରେ କି ମକା ଅମଳ ପ୍ରାୟତଃ ହ୍ରାସ ପାଇଥାଏ । ଏହାକୁ ଦୃଷ୍ଟିକୋଣରେ ରଖି କେନ୍ଦ୍ର ତରଫରୁ ତରଭା ବ୍ଲକ୍ ଅନ୍ତର୍ଗତ ବଡ଼ମାଳ ଗ୍ରାମରେ ୧ ହେକ୍ଟର ଜମିରେ ୧୦ ଜଣ ଅଗ୍ରଣୀ ମକାଚାଷୀଙ୍କୁ ନେଇ ଏହାର ସମନ୍ୱିତ ପରିଚାଳନାର ଏକ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏଥିରେ ସର୍ବପ୍ରଥମେ ନିମ୍ବତେଲ ୧୫୦୦ ପିପିଏମ୍ (୫ ମି.ଲି./ଲିଟର) ହିସାବରେ ସିଞ୍ଚନ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ସ୍ପିନେଟୋରାମ୍ ୧୧.୭% ଏସ୍.ସି. (୦.୫ମି.ଲି./ଲିଟର ପାଣି) ଭଳି ନୂତନ ପିଢ଼ିର କୀଟନାଶକକୁ ସିଞ୍ଚନ କରାଯାଇଥିଲା । ପରେ ବିଷ ଥୋପ (୧୦ କି.ଗ୍ରା. ଅଗାଡ଼ି + ୨ କି.ଗ୍ରା. ଗୁଡ଼ + ୩ ଲିଟର ପାଣିରେ ମିଶାଇ ୨୪ ଘଣ୍ଟା ରଖି ଏଥିରେ ୧୦୦ ଗ୍ରାମ୍ ଥାଓଡ଼ିକାର୍ବ ଔଷଧ ଗଛରେ ପ୍ରୟୋଗ କରିବାର ଅଧଘଣ୍ଟା ଆଗରୁ ମିଶ୍ରଣ କରି) ମକା ଗଛର ତଳ ପତ୍ର ସନ୍ଧିରେ ରଖାଯାଇଥିଲା । ଏହା ବ୍ୟତୀତ ସର୍ବଶେଷରେ ଆବଶ୍ୟକସ୍ଥଳେ ଏହାର ଶୂକଗୁଡ଼ିକୁ ହାତରେ ସଂଗ୍ରହ କରାଯାଇ ନଷ୍ଟ ମଧ୍ୟ କରାଯାଇଥିଲା । ଏହାଫଳରେ ପୋକର ପ୍ରାଦୁର୍ଭାବ ଶତକଡ଼ା ୭୦.୫ ଭାଗ ହ୍ରାସ ପାଇବା ସଙ୍ଗେ ସଙ୍ଗେ ମକା ଅମଳ ଶତକଡ଼ା ୨୩.୨ ଭାଗ ଅଧିକ ମିଳିଥିଲା ।

**ପ୍ରକାଶକ:** କୃଷି ବିଜ୍ଞାନ କେନ୍ଦ୍ର, ସନପୁର, **ମୁଖ୍ୟ ସମ୍ପାଦକ :** ଡଃ ବିଶ୍ୱରଞ୍ଜନ ପଟ୍ଟନାୟକ (ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ)
**ସମ୍ପାଦକ :** ଡଃ. ତ୍ରିନାଥ ଖଣ୍ଡାୟତରାୟ, ଡଃ. ଡକ୍ଟର ସତ୍ୟବ୍ରତ ମଙ୍ଗରାଜ, ଶ୍ରୀମତୀ ସୁପ୍ରଭା ସେଠୀ, ଶ୍ରୀମତୀ ପ୍ରିୟମ୍ବଦା ଲୋପାମୁଦ୍ରା ରୟ ।

ଯୋଗାଯୋଗ: କୃଷି ବିଜ୍ଞାନ କେନ୍ଦ୍ର, ପୋଷ୍ଟ ବ୍ୟାଗ୍ ନଂ - ୧, ସୁବର୍ଣ୍ଣପୁର-୭୬୭୦୧୭, ଦୂରଭାଷ : ୦୬୬୫୪-୨୨୧୦୦୯
Email : kvksonepur.ouat@gmail.com

2024110354